
text of the time..

# ଜୋନାଥନ୍‌ର ଡେଣା



ଶୈଳେନ୍ଦ୍ର ଦ୍ୱିବେଦୀ

# ମହାବିଲୋପର ସତର୍କ ଘଣ୍ଟି

'ଅନ୍‌ଦି ଅରିଜିନ୍ ଅଫ୍ ସ୍ପେସିଜ୍'ରେ ଚାର୍ଲସ୍ ଡାରଓ୍ୱିନ୍ ଲେଖିଥିଲେ ଯେ ଏ ବିପୁଳ ସୃଷ୍ଟି ଏକ ଚମତ୍କାର । ଆରମ୍ଭ ସତରେ କେତେ ସାଧାରଣ ଥିଲା, ଅଥଚ ସୃଷ୍ଟିର କ୍ରମ ସମ୍ପ୍ରସାରଣ/ବ୍ୟାପ୍ତି ଏବଂ ବିବର୍ତ୍ତନ ଥିଲା କେତେ ବିସ୍ମୟକର ! ଜୈବ ବିବିଧତାକୁ ସାଉଁଟି ଧରି ନିରନ୍ତର ଆଗକୁ ଚାଲିଥିବା ପୃଥିବୀ ସେ ଦୃଷ୍ଟିରୁ ପ୍ରକୃତରେ ଅନୁପମ । ଆପଣା ଅଧ୍ୟୟନରେ ବିବର୍ତ୍ତନ ଚକ୍ର ଏବଂ ସେଇ କ୍ରମରେ 'ପ୍ରାକୃତିକ ବୟନ'କୁ ସର୍ବାଧିକ ଗୁରୁତ୍ୱ ଦେଇଥିବା ଡାରଓ୍ୱିନ୍‌ଙ୍କର ଧାରଣା ଥିଲା ଯେ ସୃଷ୍ଟି ପରି ବିନାଶ ମଧ୍ୟ ଏକ ଅବଧାରିତ ବିବର୍ତ୍ତନ ପ୍ରକ୍ରିୟା । ତେବେ ତାଙ୍କର ସମସାମୟିକମାନେ ଏଥିରେ ରାଜି ନଥିଲେ। ଫସିଲ୍ ଅଧ୍ୟୟନରୁ ଏବଂ ଭୂତାତ୍ତ୍ୱିକ ବିଶ୍ଳେଷଣରୁ ଜଣାପଡିଥିଲା ଯେ ଆମେ ଦେଖୁଥିବା ପୃଥିବୀ ଥରେ ନୁହେଁ, ପାଞ୍ଚ ପାଞ୍ଚ ଥର ମହାବିନାଶର ସମ୍ମୁଖୀନ ହୋଇସାରିଛି । ତେବେ ପ୍ରତ୍ୟେକ ଥର ପ୍ରାକୃତିକ କାରଣରୁ, ଯାହା ଅନେକାଂଶରେ ରହସ୍ୟାବୃତ୍ତ ହୋଇ ରହିଛି । ପରବର୍ତ୍ତୀ ସମୟରେ ଡାରଓ୍ୱିନ୍ ନିଜ ମତ ବଦଳାଇଥିଲେ ଏଇ ବିଜ୍ଞାନସମ୍ମତ ଅନୁମାନରେ ଯେ ବିବର୍ତ୍ତନ ବ୍ୟତିରେକେ ସଂସାରରେ ଆଉ କିଛି ଘଟିଛି ବା ଘଟୁଛି ଯାହା ଜୀବନଚକ୍ରକୁ ପ୍ରଭାବିତ କରୁଛି । ପାଠକେ, ୨୦୧୪ରେ ପ୍ରକାଶିତ ଏଲିଜାବେଥ୍ କୋଲବର୍ଟଙ୍କ 'ଦି ସିକ୍ସଥ୍ ଏକ୍ସଟିଙ୍କ୍‌ସନ୍ : ଆନ୍ ଅନ୍‌ନ୍ୟାଚୁରାଲ ହିଷ୍ଟ୍ରି' (୨୦୧୫ରେ ପୁଲିଜର୍ ପୁରସ୍କାରପ୍ରାପ୍ତ) ପୁସ୍ତକରେ ଲେଖିକା ସ୍ପଷ୍ଟ କରିଛନ୍ତି ଯେ ଆଗାମୀ ଶହେ ବର୍ଷ ଭିତରେ ଆମ ଜୀବଜଗତର ୬୦ଭାଗରୁ ଅଧିକ ପ୍ରଜାତି ବିଲୁପ୍ତ ହେବେ । ଏହା ହେବ ଷଷ୍ଠ ସମୂହ ମହାବିଲୋପ ଏବଂ ସବୁଠୁ ନୈରାଶ୍ୟଜନକ ହେଉଛି ଯେ ଏହି ମହାବିନାଶ ଆଦୌ ପ୍ରାକୃତିକ ନ ହୋଇ ସମ୍ପୂର୍ଣ୍ଣ ମନୁଷ୍ୟକୃତ ହେବ ।

ଏବେ ଆସନ୍ତୁ ଆଖି ପକାଇବା ଆଗରୁ ଘଟିଥିବା ୫ଟି ଗଣବିଲୋପ ଘଟଣା ଉପରେ । (୧) ଅର୍ଡୋଭିସିଆନ୍-ସିଲୁରିଆନ୍ : ପାଖାପାଖି ୪୪୦ ନିୟୁତ ବର୍ଷତଳେ ଘଟିଥିବା ଏହି ମହାବିନାଶ ସାମୁଦ୍ରିକ ଜୀବଜଗତ ପାଇଁ ପ୍ରଳୟଠାରୁ କମ୍ ନଥିଲା । ୨୫ ପ୍ରତିଶତରୁ ୬୦ ପ୍ରତିଶତ ସାମୁଦ୍ରିକ ପ୍ରଜାତି ଲୋପ ପାଇଥିଲେ ଏହି ପ୍ରକ୍ରିୟାରେ । (୨) ଲେଟ୍ ଡିଭୋନିଆନ୍ : ୩୬୦ ନିୟୁତ ବର୍ଷ ତଳେ ଘଟିଥିବା ଏଡି ମହାବିନାଶର ସଠିକ କାରଣ ଏଯାଏଁ ନିର୍ଣ୍ଣୟ ହୋଇପାରିନାହିଁ । ଏଥିରେ ମଧ୍ୟ ସାମୁଦ୍ରିକ ଜୀବ ଜଗତ ବ୍ୟାପକ ବିନାଶର ସମ୍ମୁଖୀନ ହୋଇଥିଲେ । (୩) ପର୍ମିୟାନ୍-ଟ୍ରିଆସିକ୍ : ୨୫୦ ନିୟୁତ ବର୍ଷତଳେ ଘଟିଥିବା ଏହି ବିନାଶ ସବୁଠୁ ବଡ ପ୍ରାକୃତିକ ବିପର୍ଯ୍ୟୟ ଭାବରେ ଚିହ୍ନଟ ହୋଇଛି । ଏଥିଯୋଗୁଁ ଲୋପ ପାଇଥିଲେ ତତ୍କାଳୀନ ମୋଟ ପ୍ରଜାତିର ୯୦ ରୁ ୯୫ ପ୍ରତିଶତ । ଏହା ସବୁଠୁ ପ୍ରଳୟଙ୍କରୀ ଥିଲା । (୪) ଏଣ୍ଡ୍-ଟ୍ରିଆସିକ୍/ଟ୍ରିଆସିକ୍-ଜୁରାସିକ : ୨୦୦ ନିୟୁତ ବର୍ଷତଳେ ଘଟିଥିବା ଏହି ମହାବିନାଶ ଅନେକାଂଶରେ ଅଗ୍ନି ଉଦ୍‌ଗୀରଣ (ଆଗ୍ନେୟଗିରି) ଜନିତ ଥିଲା ଏବଂ ଏଥିରେ ଧ୍ୱଂସ ପାଇଥିଲେ ୪୦ ରୁ ୫୦ ପ୍ରତିଶତ ପ୍ରଜାତି । (୫) କ୍ରେଟାସିୟସ୍-ଟର୍ସିଆରି : ୬୫ ନିୟୁତ ବର୍ଷ ତଳେ ଘଟିଥିବା ଏହି ଗଣବିଲୋପ ମହାକାଳରେ ସବୁଠୁ ନିକଟବର୍ତ୍ତୀ, ଯେଉଁଥିରେ ଧ୍ୱଂସ ପାଇଥିଲେ ଅତିକାୟ ଡାଇନୋସର । ଅନ୍ତତଃ ୧୬ ପ୍ରତିଶତ ସାମୁଦ୍ରିକ ପ୍ରଜାତି ଏବଂ ୧୮ ପ୍ରତିଶତ ମେରୁଦଣ୍ଡୀ । କ୍ରେଟାସିୟସ୍ କାଳଖଣ୍ଡ ଶେଷ ଭାଗରେ  ମହାବିନାଶର ସେହି ମୁହୂର୍ତ୍ତ ଖୁବ୍ ସମ୍ଭବ ପୃଥିବୀ ସହିତ ଏକ ବାହ୍ୟ ସଂଘାତ କାରଣରୁ ଘଟିଥିଲା ।

ଏଲିଜାବେଥ୍‌ଙ୍କ ଅଧ୍ୟୟନ ସମ୍ବଳିତ ପୁସ୍ତକ ସ୍ପଷ୍ଟ କରିଛି ଯେ ଆଗକୁ ଆସୁଥିବା ମହାବିନାଶ ଢ଼େର୍ ଆଗରୁ ଆମର ଅଲକ୍ଷ୍ୟରେ ଆରମ୍ଭ ହୋଇସାରିଛି ଏବଂ ଏହାର ମୂଳରେ ରହିଛି ପ୍ରଦୂଷଣ, ପ୍ରାକୃତିକ ଆବାସସ୍ଥଳୀର ଧ୍ୱଂସ/ସଙ୍କୋଚନ, ଚାଷ ଜମିର ଅଣଚାଷକୁ ପରିବର୍ତ୍ତନ, ଜଳବାୟୁ ପ୍ରଭାବ, ଉତ୍ତପ୍ତୀକରଣ, ଜନସଂଖ୍ୟା ବୃଦ୍ଧି ଏବଂ ପରିବର୍ତ୍ତିତ ସ୍ଥିତିରେ ନୂଆନୂଆ ଘାତକ ପ୍ରଜାତିଙ୍କ ଆବିର୍ଭାବ । କେବଳ ଏଲିଜାବେଥ୍ ନୁହନ୍ତି, ଅନ୍ୟାନ୍ୟ ସମାନ୍ତରାଳ ଗବେଷଣା ପ୍ରାୟ ସମାନ କଥା କହି ସାରିଛନ୍ତି । ଆଗକୁ ବିଲୋପ ହେବାପାଇଁ ଯାଉଥିବା ପ୍ରଜାତିଙ୍କ ମଧ୍ୟରେ ଅଛନ୍ତି ସ୍ତନ୍ୟପାୟୀ, ପକ୍ଷୀ, ସରୀସୃପ ଏବଂ ଉଭୟଚର ପ୍ରାଣୀ । ତଥ୍ୟ ଅନୁଯାୟୀ ପୃଥିବୀରେ ଏବେ ତିଷ୍ଠି ରହିଥିବା ମେରୁଦଣ୍ଡୀମାନଙ୍କ ମଧ୍ୟରେ ଏକ-ତୃତୀୟାଂଶ ହେଉଛନ୍ତି

ନିଜେ ମଣିଷ, ଅର୍ଥାତ୍ ୧୦୦ ବର୍ଷ ଆଗକୁ ଅତି ବେଶୀରେ ବିପର୍ଯ୍ୟସ୍ତ ସ୍ଥିତିରେ ତିଷ୍ଠି ରହିଥିବେ କେବଳ ମଣିଷ ଏବଂ ଆମର ଗୃହପାଳିତ ପଶୁପକ୍ଷୀ । ଏମିତି ଏକ ସକାଳ କଳ୍ପନା କରନ୍ତୁ ଯେଉଁଦିନ ଆମ ପର ପିଢ଼ି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଗୋଟିଏ ବି ପକ୍ଷୀ ଠାବ କରିବାର ସୁଯୋଗ ପାଇବେ ନାହିଁ । ଜୈବ ବିବିଧତା ଆଗରୁ କେବେ ଏମିତି ବିଗିଡ଼ି ନଥିଲା । ଅତିକାୟ ପ୍ରାଣୀମାନେ ଆଗରୁ ତ ଥିଲେ, ତେବେ ସେମାନେ ମଣିଷ ପରି ଉଗ୍ର କିମ୍ବା ସ୍ୱାର୍ଥପର ନଥିଲେ । ଶହଶହ ବର୍ଷ ଧରି ପ୍ରକୃତି ଜୀବ ଜଗତକୁ ପାଳି ପୋଷି ଆସୁଥିଲା । ସେ ଅବସ୍ଥା ଆଜି ଆଉ ନାହିଁ । ଯୁଦ୍ଧକାଳୀନ ଭିତ୍ତିରେ ଏବେ ପ୍ରକୃତିର ଯତ୍ନ ନେବା ଆମପାଇଁ ଜରୁରୀ ହୋଇପଡିଛି । ବିପଦ ଘଣ୍ଟି ବାଜି ସାରିଛି ।

ପ୍ରାକୃତିକ ଚକ୍ରରେ ମଧ୍ୟ କ୍ଷୟ/ବିଲୋପ ଏକ ଅବଧାରିତ ପ୍ରକ୍ରିୟା । ବୈଜ୍ଞାନିକଙ୍କ ବିଶ୍ୱାସ ଯେ ଏହି ଧାରା ଦୀର୍ଘ ବର୍ଷ ଆଗରୁ ଆରମ୍ଭ ହୋଇସାରିଛି । ଏହାର ପ୍ରଥମ ସୋପାନ ଆରମ୍ଭ ହୋଇଥିଲା ପ୍ରାୟ ଏକ ଲକ୍ଷ ବର୍ଷ ଆଗରୁ । ତେବେ ୯୦,୦୦୦ ବର୍ଷ ପର୍ଯ୍ରନ୍ତ କ୍ରମ ଅବକ୍ଷୟର ଏହି ଧାରା ଯଥେଷ୍ଟ ବିଳମ୍ବିତ ଥିଲା । ଅସଲ ବିପଦ ଆସିଲା ୧୦,୦୦୦ ବର୍ଷ ତଳେ ଯେତେବେଳେ ଆନୁଷ୍ଠାନିକ ଭାବେ କୃଷିକୁ ଗୁରୁତ୍ୱ ଦିଆଗଲା । କ୍ରମଶଃ ଜନସଂଖ୍ୟା ବଢ଼ିଲା । କୃଷି ସହିତ ତାଳ ଦେଇ ସ୍ଥାନାନ୍ତରିତ ହେଲେ ଲୋକେ । ନୂଆ ଚାରଣ ଭୂମି, ନୂଆ ଜୀବିକା ଏବଂ ନୂଆ ସ୍ୱପ୍ନ ସଂଧାନରେ । ଗବେଷଣା ସ୍ପଷ୍ଟ କରିଛି ଯେ ଜନସଂଖ୍ୟା ବୃଦ୍ଧି ସହିତ ଆନୁପାତିକ ସମ୍ପର୍କ ଥିଲା ପ୍ରଜାତି କ୍ଷୟର । ପ୍ରାୟ ୧୨,୦୦୦ ବର୍ଷ ତଳେ ଯେତେବେଳେ ଉତ୍ତର ଆମେରିକାରେ ଜନବସତି ଆରମ୍ଭ ହେଲା ସେତେବେଳେ ଅନେକ ପ୍ରଜାତି ଶିକାର ହେଲେ । ସମାନ ଅବସ୍ଥା ହୋଇଥିଲା ଅଷ୍ଟ୍ରେଲିଆ, ଆଫ୍ରିକା ଏବଂ ଅନ୍ୟାନ୍ୟ ଅଞ୍ଚଳରେ । କିନ୍ତୁ ଅନେକ କିଛି ନିୟନ୍ତ୍ରଣରେ ଥିଲା ଯେ ପର୍ଯ୍ୟନ୍ତ ସାଙ୍ଗଠନିକ କୃଷିକୁ ଗୁରୁତ୍ୱ ଦିଆଯାଇନଥିଲା । ନିଜର ବଂଶ ବୃଦ୍ଧିପାଇଁ ମଣିଷ ପ୍ରଥମ ପ୍ରଜାତି ହୋଇ ଆବିର୍ଭାବ ହେଲା ଯିଏ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ପ୍ରାକୃତିକ ଆବାସ ସ୍ଥଳୀକୁ କ୍ଷତି ପହଞ୍ଚାଇବାରେ ଲାଗିଲା । ସବୁଠୁ ଅଧିକ କ୍ଷତି ହେଲା ବିଗତ ୧୦୦ ବର୍ଷ ଭିତରେ । ଏଲିଜାବେଥ୍ ଲେଖିଛନ୍ତି ଯେ ଆମ ଅଜ୍ଞାତରେ ପ୍ରକୃତିର ପୃଷ୍ଠଭୂମିରେ ପ୍ରଜାତିମାନଙ୍କର ବିଲୋପ ଘଟିଚାଲିଛି । ତେବେ ସେ ସ୍ଥିତିରେ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଜାତିକୁ ସମ୍ପୂର୍ଣ୍ଣ ବିଲୋପ ହେବାପାଇଁ ଲାଗିଯାଏ ହାରାହାରି ୭୦୦୦ବର୍ଷ । ସେଇ ତୁଳନାରେ ଆଗକୁ ଆସୁଥିବା ଗଣବିଲୋପ

ନାଟକୀୟ ଭାବରେ ଭିନ୍ନ ହେବ । ଟାଙ୍ଗିଆ ଧରିଥିବା ଦଳେ ଉନ୍ମତ୍ତ ଯୁବକ ଯେମିତି କେଇ ଘଣ୍ଟା ଭିତରେ ଶହଶହ ଗଛ କାଟି ପକାନ୍ତି, ଗଣବିଲୋପରେ ପ୍ରଜାତିମାନେ ନିଶ୍ଚିହ୍ନ ହେବା ସମାନ ବେଗରେ ଘଟିଥାଏ । ସେ ସ୍ଥିତିରେ ବିବର୍ତ୍ତନର ମୂଳ ମାନସାଙ୍କ ଆଉ କାମ କରେନାହିଁ । ଆଉ ଦୁଃଖ ହେଉଛି ଯେ ଅନେକ ପ୍ରଜାତିଙ୍କୁ ଆମେ ଆବିଷ୍କାର କରିବା ଆଗରୁ ସେମାନେ ନିଶ୍ଚିହ୍ନ ହୋଇ ସାରିଲେଣି । ଏ ବର୍ଗରେ ସବୁଠୁ କ୍ଷତିଗ୍ରସ୍ତ ଉଭୟଚର ପ୍ରାଣୀ । ପାଠକଙ୍କୁ ସ୍ମରଣ କରାଇଦିଏ ଯେ ଉଭୟଚରମାନେ ହିଁ ପୃଥିବୀରେ ସବୁଠୁ ଅଧିକ ସମୟଧରି ବଞ୍ଚି ରହିଥିବା ପ୍ରଜାତି । ଆଜିକୁ ୪୦୦ ନିୟୁତ ବର୍ଷ ପୂର୍ବେ ଆମେ ଦେଖୁଥିବା ବେଙ୍ଗମାନଙ୍କର ପୂର୍ବ ପୁରୁଷ ପ୍ରଥମ ଥରପାଇଁ ପାଣିରୁ ଉପରକୁ ଉଠିଥିଲେ । ଏତେ ବର୍ଷ ଧରି ବିବର୍ତ୍ତନର ପ୍ରାକୃତିକ ଶୃଙ୍ଖଳା ଯାହା କରି ପାରିନଥିଲା, ସେହି କ୍ଷୟ ମାତ୍ର ଶେଷ ୧୦୦ବର୍ଷ ଭିତରେ ସମ୍ଭବ କରାଇଛି ମଣିଷ । ପ୍ରକୃତି ତୁଳନାରେ ଏବେ ଉଭୟଚରଙ୍କ ବିଲୋପ ହାର ୪୫,୦୦୦ ଗୁଣ ଅଧିକ । ଅନ୍ୟ ପ୍ରଜାତିମାନଙ୍କର ବିଲୋପ ହାର ବୃଦ୍ଧିପାଇଛି ୧୦ ଗୁଣରୁ ୧୦,୦୦୦ଗୁଣ । (ସର୍ବାଧିକ ବିଷୁବ ଅଞ୍ଚଳରେ) । ଆକଳନ ଅନୁସାରେ ଏକ ତୃତୀୟାଂଶ ଶୈବାଳ, ମଧୁର ପାଣିରେ ବାସ କରୁଥିବା ଶାମୁକା ପ୍ରଜାତି, ଏକ-ତୃତୀୟାଂଶ ସାର୍କ, ଏକ-ଚତୁର୍ଥାଂଶ ସ୍ତନ୍ୟପାୟୀ, ଏକ-ପଞ୍ଚୟାଂଶ ସରୀସୃପ ଏବଂ ଏକ-ଷଷ୍ଠାଂଶ ପକ୍ଷୀ ଆସନ୍ତା ୧୦୦ବର୍ଷ ଭିତରେ ନିଶ୍ଚିହ୍ନ ହେବାକୁ ଯାଉଛନ୍ତି । ଏ କ୍ଷୟ ସ୍ଥାନୀୟ ନ ହୋଇ ସମ୍ପ୍ରସାରିତ ହୋଇଛି ତମାମ ଭୂଗୋଳକୁ । ଆଉ ଏକଥା ଜାଣିବାପାଇଁ ପରିବର୍ତ୍ତିତ ସ୍ଥିତିରେ ଖୁବ୍ ଅଧିକ ପାଠଶାଠ ବା ଗବେଷଣାର ଦରକାର ନାହିଁ । କେବଳ ନିଜ ଚାରିପାଖକୁ ଚାହିଁବା ଯଥେଷ୍ଟ । (ମାତ୍ର ୨୦/୨୫ ବର୍ଷ ତଳେ ଓଡ଼ିଶାର ଗ୍ରାମାଞ୍ଚଳରେ ଦେଖାଯାଉଥିବା ବେଶ୍ କିଛି ପକ୍ଷୀ ଆଉ ନାହାନ୍ତି) ।

ଏଲିଜାବେଥ୍ ଲେଖିଛନ୍ତି ଯେ ଶିଳ୍ପ ବିପ୍ଳବ ଆରମ୍ଭରୁ ଆମେ ଯଥେଷ୍ଟ ଫସିଲ୍ ଜାଳେଣି ପୋଡିସାରିଲୁଣି (କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ) ଯେଉଁଥିରୁ ବାତାବରଣକୁ ନିର୍ଗତ ହୋଇସାରିଛି ୧୮୦ ବିଲିୟନ ଟନ୍ ଅଙ୍ଗାରକାମ୍ଳ । ପ୍ରତିବର୍ଷ ଏହା ହାରାହାରି ୯ ବିଲିୟନ ଟନ୍ ବଢୁଛି (୬ ପ୍ରତିଶତ) । ବିଗତ ୮ ଲକ୍ଷ ବର୍ଷ ଭିତରେ ଏମିତି ଅବସ୍ଥା ସୃଷ୍ଟି ହୋଇନଥିଲା । ଯଦି ଏହା ଜାରି ରହେ ତେବେ ୨୦୫୦ ସୁଦ୍ଧା ଏହା ପ୍ରାକ୍ ଶିଳ୍ପ ବିପ୍ଳବ ସମୟର ଅଙ୍ଗାରକାମ୍ଳ

ମାତ୍ରାର ଅନ୍ୟୂନ ୨ ଗୁଣ ହେବ । ଆକଳନ କରାଯାଇଛି ଯେ ଆଗାମୀ ଦିନରେ ଖାସ୍ ଏହି କାରଣରୁ ବାୟୁମଣ୍ଡଳର ତାପମାତ୍ରା ୨ ରୁ ୪ ଡିଗ୍ରୀ ସେଲସିୟସ ବଢ଼ିବ, ଯାହା ଆମର ଅବଶିଷ୍ଟ ହିମବାହକୁ ତରଳାଇବା ସହିତ ସାମୁଦ୍ରିକ ପର୍ଯ୍ୟାବରଣକୁ ପ୍ରଭାବିତ କରିବ । ଅମ୍ଳତା ବଢ଼ିବ, ଅର୍ଥାତ୍ ଚଳିତ ଶତାବ୍ଦୀର ଶେଷ ଆଡକୁ ମହାସାଗର ଅମ୍ଳତା ମାତ୍ରା ପ୍ରାକ୍ ଶିଳ୍ପ ବିପ୍ଳବ ସ୍ଥିତିର ୧୫୦ଗୁଣରେ ପହଞ୍ଚିଥିବ । ଏହାର ଅର୍ଥ ନୁହେଁ ଯେ ମହାସାଗର ଏକାବେଳକେ ଜୀବନ ଶୂନ୍ୟ ହେବ । କିଛି ପ୍ରଜାତି ପରିବର୍ତ୍ତିତ ସ୍ଥିତି ସହିତ ଖାପ ଖୁଆଇବେ, ବଂଶ ବୃଦ୍ଧି କରିବେ ଏବଂ ତିଷ୍ଠି ରହିବେ; କିନ୍ତୁ ଲୋପ ପାଇବ ବର୍ଣ୍ଣିଳ ଜୈବ ବିବିଧତା । ଆଗରୁ ପୃଥିବୀ ସାମ୍ନା କରିଥିବା ୫ଟି ସମୂହ ବିନାଶ ଭିତରୁ ଅନ୍ତତଃ ତିନିଟି କ୍ଷେତ୍ରରେ ପ୍ରାକୃତିକ କାରଣରୁ ସାମୁଦ୍ରିକ ଅମ୍ଳ ବୃଦ୍ଧି ପ୍ରଜାତି ବିଲୋପର ପ୍ରଧାନ କାରଣ ଥିଲା । ଷଷ୍ଠ ବିଲୋପ ଆଗରୁ ମହାସାଗର ରସାୟନ ତା'ର ସନ୍ତୁଳନ ହରାଇବା ଆରମ୍ଭ କରିସାରିଛି । ଅନ୍ୟାନ୍ୟ ଅଧ୍ୟୟନକୁ ଉଦ୍ଧାର କରି ଏଲିଜାବେଥ୍ ଲେଖିଛନ୍ତି ଯେ ପୃଥିବୀ ସ୍ଥଳଭାଗର ପ୍ରାୟ ଅଧାରୁ ଅଧିକ ଅଞ୍ଚଳରେ ମଣିଷର କାର୍ଯ୍ୟକଳାପ ସକ୍ରିୟ । ଅନେକ ବଡବଡ ନଦୀ ବିପଜ୍ଜନକ ହୋଇସାରିଛନ୍ତି । ପ୍ରାକୃତିକ ଭାବେ ଆମ ସମୟରେ ବାୟୁମଣ୍ଡଳକୁ ଯେତିକି ଯବକ୍ଷାରଜାନ ନିର୍ଗତ ହେଉଛି, ଆମେ ବସାଇଥିବା ରାସାୟନିକ ସାର କାରଖାନା ତା'ଠୁ ଅଧିକ ଯବକ୍ଷାରଜାନ ଛାଡୁଛି । ସାମୁଦ୍ରିକ ମାଛମରା କେବଳ ପେଟ ପୋଷିବା ପାଇଁ ବ୍ୟବସାୟ ହୋଇ ରହିନାହିଁ, ସମୁଦ୍ର ଉପରେ ଏହା ନିରନ୍ତର ଆକ୍ରମଣର ରୂପ ନେଇ ସାରିଛି । ବାୟୁମଣ୍ଡଳର ସନ୍ତୁଳନକୁ ବିଗାଡିବାରେ ଅଧିକ ଇନ୍ଧନ ଯୋଗାଉଛି କ୍ରମାଗତ ଜଙ୍ଗଲକ୍ଷୟ । ସମୁଦ୍ରରେ ଶୈବାଳ ଶୃଙ୍ଖଳା ଧ୍ୱଂସମୁଖୀ ହୋଇସାରିଛି । କେବଳ ଶେଷ ୩୦ବର୍ଷରେ ଏହା ହ୍ରାସ ପାଇଛି ପାଖାପାଖି ୫୦ ପ୍ରତିଶତ । ଶୈବାଳ ପାହାଡକୁ ତୁଳନା କରାଯାଏ ବର୍ଷାବନ ସହିତ, ଏହାର ଜୈବ ବିବିଧତା ପାଇଁ । ଏବେ କୋରାଲ୍ ବ୍ଲିଚିଂ କାଳ ହୋଇଛି ।

ବୈଜ୍ଞାନିକଙ୍କ ମତ ଯେ ସୃଷ୍ଟି ଆରମ୍ଭରେ ଥିବା ଜୀବଜଗତର (ଉଦ୍ଭିଦ ଅନ୍ତର୍ଭୁକ୍ତ) ୯୯.୯ ପ୍ରତିଶତ ଶେଷ ୫୦୦ନିୟୁତ ବର୍ଷ ଭିତରେ ନିଶ୍ଚିହ୍ନ ହୋଇସାରିଛନ୍ତି । ଅବଶିଷ୍ଟଙ୍କ ବିଲୋପ ପାଇଁ ପୃଥିବୀ ସହିତ ଆଉ କିଛି ବାହ୍ୟ ସଂଘାତର ଲୋଡା ନାହିଁ । ଭୟଙ୍କର ଲାଭା ଉଦ୍‌ଗୀରଣ ଏବଂ ତଜ୍ଜନିତ ବିଷାକ୍ତ ବାଷ୍ପର ଆବଶ୍ୟକତା ମଧ୍ୟ ନାହିଁ- ଆମ ନିଜ ଗୋଡରେ ନିଜ କୁରାଢ଼ି ହିଁ ଯଥେଷ୍ଟ । ଆଇ.ୟୁ.ସି.ଏନ

ତଥ୍ୟ ଅନୁଯାୟୀ କେବଳ ଶେଷ ୧୦୦ବର୍ଷରେ ବିଲୋପ ଘଟିଛି ୯୦୫ ପ୍ରଜାତି/ଉପପ୍ରଜାତିମାନଙ୍କର । ଆଶୁ ବିପଦର ଦ୍ୱାରଦେଶରେ ଠିଆ ହୋଇଛନ୍ତି ଆଉ ୧୬,୯୨୮ ପ୍ରଜାତି । ବହିର ପ୍ରଥମ ଅଧ୍ୟାୟରେ ଦକ୍ଷିଣ ପାନାମାରେ ଦିନେ ବହୁଳ ଭାବରେ ଦେଖାଯାଉଥିବା ସୁନାରଙ୍ଗ ବେଙ୍ଗର ଉପସ୍ଥାପନା କରିଛନ୍ତି ଏଲିଜାବେଥ୍, ଯାହା ବର୍ଷ ବର୍ଷ ଧରି ସ୍ଥାନୀୟ ଚଳଣି ଏବଂ ଲୋକକଥାର ଅଂଶ ପାଲଟିସାରିଥିଲା । ତେବେ ୨୦୦୭ରେ ଏହା ସମ୍ପୂର୍ଣ୍ଣ 'ବିଲୁପ୍ତ' ଘୋଷିତ ହୋଇଥିଲା । ଦୁର୍ଭାଗ୍ୟ ଯେ ଆମେ ଏସବୁ ବୁଝିବା ପାଇଁ ପ୍ରସ୍ତୁତ ନୁହେଁ । ପର୍ଯ୍ୟାବରଣର ପ୍ରାକୃତିକ ସନ୍ତୁଳନ ସବୁ ସୀମା ଟପି ସାରିଛି ଏବଂ ସାମୂହିକଭାବେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ନହେଲେ ଆଗାମୀ ପିଢ଼ିକୁ ଆମେ ଏକ ଉଜୁଡ଼ା ଭବିଷ୍ୟତ ଭେଟିଦେବା- ଏକଥା ବି ନିଶ୍ଚିତ ହୋଇସାରିଛି । ଭୂତାତ୍ତ୍ୱିକ କାଳଖଣ୍ଡରେ ୧୦୦ବର୍ଷ ଆଖିପିଛୁଳାର ମୁହୂର୍ତ୍ତ ସତ, କିନ୍ତୁ ଆମ ପାଇଁ ଏହା ନା ଅଚାନକ, ନା ଅକସ୍ମାତ୍ । ○

(ସମାଜ, ତା: ୨/୮/୨୦୧୫)



ପାଠକମାନେ ପରୀକ୍ଷା କରି ଦେଖନ୍ତୁ ତାଙ୍କର ପ୍ରବନ୍ଧମାନଙ୍କୁ ଦେଖିବେ, ଗପ ପଢ଼ିବାପରି ଲାଗିବ। ମଝିରେ ମଝିରେ କବିତାର ବିଜୁଳି ମଧ୍ୟ ଝଲସିବ। ଲାଗିବ, ଝଡ଼ ଆସୁଛି, ଲାଗିବ ପ୍ରଳୟ ଆସନ୍ନ, ଏହା ଏକ ଘୂର୍ଣ୍ଣିବାତ୍ୟାର ସୂଚନା..

ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ

ପାଠକୀୟ ଦୃଷ୍ଟିକୋଣରୁ ଶୈଳେନ୍ଦ୍ର ଦ୍ୱିବେଦୀଙ୍କ ରଚନାକୁ ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ପର୍ଯ୍ୟାୟଭୁକ୍ତ ନକରିବା ଭଲ। କାରଣ ବିଭାଗୀକରଣରେ ତା'ର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବାର ଆଶଙ୍କା ଅଛି। ପ୍ରବନ୍ଧର ଗାମ୍ଭୀର୍ଯ୍ୟପୂର୍ଣ୍ଣ ମନନଶୀଳତା ସହ କଥନଶୈଳୀ, ଚରିତ୍ରାନ୍ୟାସ, ବର୍ଣ୍ଣନାରେ ବ୍ୟଙ୍ଗାତ୍ମକ ବ୍ୟଞ୍ଜନା, କାବ୍ୟଧାରାର ଅନୁପମ ପ୍ରବାହ, ଅର୍ଥବହ ଇଙ୍ଗିତ, ଭାବ ବିନିମୟର ଅନୁପମ ନାଟକୀୟତା- ଏ ସବୁ ରହିଛି ତାଙ୍କ ରଚନାରେ। ଲେଖକୀୟ ଆଚରଣଟି ଯାହା ପ୍ରବନ୍ଧସୁଲଭ। ରଚନାଟିରେ ପାଠକୀୟ ଅନୁପ୍ରବେଶ ଭାଙ୍ଗିଦିଏ ତଥାକଥିତ ଆବରଣ ଓ ଆକାର। ଏହା ଫରାସୀ ଲେଖକ କାମ୍ୟୁ ଓ ଇଂରାଜୀ ରଚନାକାର ଆଲଡସ୍ ହକ୍ସଲେଙ୍କ ଗଦ୍ୟ ରଚନା ସହ ତୁଳନୀୟ ବୋଲି ମୁଁ ମନେକରେ। ତେବେ ଶୈଳେନ୍ଦ୍ରଙ୍କ ରଚନାର ସ୍ୱତନ୍ତ୍ର ଗରିମା ଓ ସୌନ୍ଦର୍ଯ୍ୟବୋଧ ମୌଳିକତା ଦୃଷ୍ଟିକୋଣରୁ ଅତୁଳନୀୟ।

ଆଉ ଗୋଟିଏ କଥା। ଶୈଳେନ୍ଦ୍ରଙ୍କ ରଚନା କୌଣସି ଉଦ୍ଦେଶ୍ୟଭିତ୍ତିକ ନୁହେଁ। କାରଣ ଯେ କୌଣସି ଉଦ୍ଦେଶ୍ୟ ସାହିତ୍ୟର ବିଶାଳତାକୁ ସଂକୁଚିତ କରିପାରେ। ପ୍ରକୃତ ରଚନା ହେଉଛି ଏକ ଦର୍ପଣ ଯେଉଁଥିରେ ସମାଜ ତା' ମୁହଁ ଦେଖେ। ତାଙ୍କର ସମସ୍ତ ରଚନା ହେଉଛି ଏକ ସାମାଜିକ ପ୍ରତିଫଳନ। ଆଶା, ପାଠକମାନେ ଏହାର ମୌଳିକତା କୁ ହୃଦୟରେ ଅନୁଭବ କରିବେ।

...ପ୍ରକାଶ ମହାପାତ୍ର

Non-Fiction
Cover: Prakash Mohapatra
Events Publications.
4555 VSS Nagar,
Bhubaneswar- 751007

₹ 180

ISBN 978-81-908070-1-2